# ଜଗନ୍ନାଥ ହେ !

ଜଗନ୍ନାଥ ହେ !
ତୁମ ପ୍ରେମେ ପ୍ରକଟଇ ଉଦ୍‌ଭଟ ଭାବନା
କୃଷ୍ଣ ରଙ୍ଗେ ରଞ୍ଜିତ ଲପନ
ହୃଦେ ତୁମ ଅଦ୍ଭୁତ କଳ୍ପନା
ପାରାବାର କଲ୍ଲୋଳର ଉଦ୍‌ଭ୍ରାନ୍ତ ଗର୍ଜନ
ଶ୍ରବଣ ପଟ  କରିଛି ପରଦା ଆଚ୍ଛନ୍ନ
ତେଣୁ ତୁମେ ଦୁଃଖୀ ଡାକ ଶୁଣି ବି ପାରନା
ପାଶରୁ ଡାକିଲେ ଯାର ନ ପଡଇ କର୍ଣ୍ଣେ
ଦୂର ଶୁଣା ବୃଥା ବିଡମ୍ବନା

ଜଗତକୁ ଦେଖ ତୁମେ ଅପଲକ ନେତ୍ରେ
ବିଶ୍ରାମ ରହିତ ଚକ୍ଷୁ ନପଡଇ ଦୀନ ଦୁଃଖି ଗାତ୍ରେ
ତୁମେ ସ୍ଥାଣୁ ଚତୁଃପାର୍ଶ୍ୱେ ଘୂରାଅ ଜଗତ
ଗତିଶୀଳ ଚରାଚର ବିଶ୍ୱ
ତୁମଠାରେ ହୋଇଛି ପ୍ରକଟ
ଜୀବର ଅଦମ୍ୟ ଚେଷ୍ଟା
ପରମଯେ ଲଭ୍ୟ ହେବ ତୁମ ସନ୍ନିଧାନ
ଜଗତ ପାଳକ ହରି,
ବେନି ଚକ୍ଷୁ ଚନ୍ଦ୍ର ବିବସ୍ୱାନ

ରୋଷଘରେ ଭୋଗ ବସେ ତୁମ ପାଇଁ ଛପନ ପଉଟି
ରାଜାଠାରୁ ରଙ୍କ ଯାଏ ନ ସରଇ ଯେତେ କଲେ ଲୁଟି
ସାରା ବିଶ୍ୱ ଯାର ଚରାଭୂଇଁ
ତାକୁ କଳ୍ପନା କରିବା କି ଧୃଷ୍ଟତା ସତେ !
ବାସ୍ତବରୁ କାଳ୍ପନିକ, କଳ୍ପନାରୁ ବାସ୍ତବତା ପାଇଁ
ଯିଏ କେବେ ନଦେଖଇ, ନଶୁଣଇ, ନଗମଇ
ସାରା ବିଶ୍ୱ ବ୍ୟାପ୍ତି
ତାର ପରିବ୍ୟାପ୍ତ ପ୍ରଶ୍ନ ନିଜ ଲାଗି
ଆଣଇ ବାଙ୍ମ୍ୟାପ୍ତି
ବଡ ପଣ୍ଡା ଡାକଇ ଆକୁଳେ
ଜଗନ୍ନାଥେ ! ମଣିମା ! ମଣିମା !
କବି ଡାକେ ମଣିମା ହେ ! ଅବଧାନ ହେଉ
ନିଃସ୍ୱ ଡାକ ହେଉ ହେ ଶୁଣିବା □ □ □

